# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 24 February – 2026

*********************************

## ମୁଖ୍ୟ ସମ୍ବାଦ

- ବିଧାନସଭା ଅଧିବେଶନର ଆଜି ସପ୍ତମ ଦିନରେ ଧାନ ମଣ୍ଡି ଅବ୍ୟବସ୍ଥାକୁ ନେଇ ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ଗୃହକାର୍ଯ୍ୟ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ମୁଲତବୀ

— ଆସନ୍ତା ମାସ ୩୧ ତାରିଖ ସୁଦ୍ଧା ସରକାର ସମସ୍ତ ପଞ୍ଜୀକୃତ ଚାଷୀଙ୍କଠାରୁ ଧାନ କ୍ରୟ କରିବେ; ଗୃହରେ ବିବୃତ୍ତି ଦେଲେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ

- ରାଜ୍ୟ ସରକାର ୨ ଲକ୍ଷ ୮୧ ହଜାର ୭୦୩ଟି ପରିବାରକୁ ବିଭିନ୍ନ ଗ୍ରାମୀଣ ଗୃହ ନିର୍ମାଣ ଯୋଜନାରେ ପ୍ରଦାନ କରିଛନ୍ତି ପକ୍କା ଘର
- ଶ୍ରୀମନ୍ଦିର ରତ୍ନଭଣ୍ଡାର ଅଳଙ୍କାର ଗଣତି-ମଣତି ପାଇଁ ଦୁଇଟି ଦଳ କାର୍ଯ୍ୟ କରିବା ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସୂଚନା

— ଆଜି ଅପରାହ୍ଣ ୫ଟାରେ ହେବ ଛତିଶାନିଯୋଗ ବୈଠକ

ଏବଂ

- ଅଂଶୁଘାତର ମୁକାବିଲା ନେଇ ଆସନ୍ତା ସପ୍ତାହରେ ଅନୁଷ୍ଠିତ ହେବ ପ୍ରସ୍ତୁତି ବୈଠକ

# ବିଧାନସଭା

ରାଜ୍ୟରେ ମଣ୍ଡି ଅବ୍ୟବସ୍ଥାକୁ ନେଇ ବିଧାନସଭା ବଜେଟ୍ ଅଧିବେଶନର ଆଜି ସପ୍ତମ ଦିନରେ ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ଗୃହକାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ପ୍ରଥମାର୍ଦ୍ଧ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧି ବିଜେଡି ଓ କଂଗ୍ରେସର ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ବିଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିଥିଲେ। ବାଚସ୍ପତି ସୁରମା ପାଢ଼ୀ ପ୍ରଥମେ ସାଢ଼େ ୧୧ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିଥିଲେ। ପୁନର୍ବାର ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ବିରୋଧୀ ବିଜେଡ଼ି ସଦସ୍ୟମାନେ ଗୃହରେ ହଟ୍ଟଗୋଳ ଜାରି ରଖିଥିଲେ। କଂଗ୍ରେସ ଓ ଶାସକ ଦଳର ସଦସ୍ୟମାନେ ଗୃହକାର୍ଯ୍ୟରେ ଭାଗ ନେଇଥିଲେ। ଶୂନ୍ୟକାଳ ମାତ୍ର ୧୬ ମିନିଟ୍ ଚାଲିବା ପରେ ବାଚସ୍ପତି ଗୃହକୁ ୧୨ଟା ୫ ମିନିଟ୍ ଯାଏଁ ମୁଲତବୀ ରଖିଥିଲେ। ଏହାପରେ କଂଗ୍ରେସ୍ ପକ୍ଷରୁ ଆଗତ ମୁଲତବୀ ପ୍ରସ୍ତାବ ଉପରେ ଗୃହରେ ଆଲୋଚନା ହୋଇଥିଲା। ମାତ୍ର ବିଜେଡି ସଦସ୍ୟମାନେ ହଟ୍ଟଗୋଳ କରିବା ସହିତ କକ୍ଷ ତ୍ୟାଗ କରିଥିଲେ। ଖାଦ୍ୟଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଲତବୀ ଆଲୋଚନାରେ ଉତ୍ତର ରଖିବା ପରେ ବାଚସ୍ପତି ଗୃହକୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖିଛନ୍ତି।

# ବିଧାନସଭା- ଗୃହ ବଣ୍ଟନ

ରାଜ୍ୟ ସରକାର ୨୦୨୪-୨୫ ଆର୍ଥିକବର୍ଷରୁ ଏପର୍ଯ୍ୟନ୍ତ ବିଭିନ୍ନ ଗ୍ରାମୀଣ ଗୃହ ନିର୍ମାଣ ଯୋଜନାରେ ୨ ଲକ୍ଷ ୮୧ ହଜାର ୭୦୩ ଟି ପରିବାରକୁ ପକ୍କା ଘର ମଞ୍ଜୁର କରିଛନ୍ତି। ବିଧାନସଭାରେ ଲିଖିତ ଉତ୍ତରରେ

ପଂଚାୟତିରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବି ନାରାୟଣ ନାୟକ କହିଛନ୍ତି, ସେହି ସମୟ ମଧ୍ୟରେ ୩୦୬ଟି ଭୂମିହୀନ ପରିବାରକୁ ଜମି ପ୍ରଦାନ କରାଯାଇଛି। ଅନ୍ତ୍ୟୋଦୟ ଗୃହ ଯୋଜନାରେ ୧ ଲକ୍ଷ ୫୮ ହଜାର ୬୦୦, ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ୨୮ ଲକ୍ଷ ୭ ହଜାର ୨୭୧ଟି ପରିବାରକୁ ଗୃହ ମଞ୍ଜୁର କରାଯାଇଥିବା ମନ୍ତ୍ରୀ କହିଛନ୍ତି।

## ବିଧାନସଭା-ପଂଚାୟତ ନିର୍ବାଚନ

ରାଜ୍ୟରେ ୨୦୨୭ ମସିହା ଫେବୃୟାରୀ ମାସ ପୂର୍ବରୁ ପଂଚାୟତ ନିର୍ବାଚନ ହେବ ନାହିଁ ବୋଲି ପଂଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ କହିଛନ୍ତି। ଗୃହରେ ଉତ୍ତର ରଖି ଶ୍ରୀ ନାୟକ କହିଛନ୍ତି, ନିର୍ଦ୍ଧାରିତ ସମୟରେ ପଂଚାୟତ ନିର୍ବାଚନ କରାଯିବ। ବର୍ତ୍ତମାନ ସମୟରେ ନିର୍ବାଚନ ନେଇ କୌଣସି ନିଷ୍ପତ୍ତି ନିଆଯାଇନାହିଁ। ଏହାପୂର୍ବରୁ ପଂଚାୟତ ଓ ବ୍ଲକର ପୁନର୍ଗଠନ ହେବନାହିଁ। ନୂତନ ସୀମା ନିର୍ଦ୍ଧାରଣ କରିବେ ନାହିଁ ବୋଲି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ସାମ୍ବିଧାନିକ କଟକଣା ଏବଂ ସଦ୍ୟତମ ଜନସଂଖ୍ୟା ତଥ୍ୟର ଅଭାବ କାରଣରୁ ନିଷ୍ପତ୍ତି ନିଆଯାଇନାହିଁ ବୋଲି ମନ୍ତ୍ରୀ ଗୃହକୁ ଅବଗତ କରାଇଛନ୍ତି।

# ବିଧାନସଭା-୨

ରାଜ୍ୟର ସମସ୍ତ ଗ୍ରାମୀଣ ପରିବାରକୁ ପାନୀୟଜଳ ଯୋଗାଣ ନିଶ୍ଚିତ କରିବା ନିମନ୍ତେ ସରକାର ୨୫୯ଟି ବ୍ଲକ୍‌ରେ ମୋଟ୍ ୨୦୭ଟି ବୃହତ୍ ପାନୀୟ ଜଳ ଯୋଗାଣ କାର୍ଯ୍ୟ ଜାରି ରଖିଛନ୍ତି। ଗୃହରେ ଆଜି ଏକ ପ୍ରଶ୍ନର

ଉତ୍ତରରେ  ପଂଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାୟକ କହିଛନ୍ତି, ୨୪ଟି ପ୍ରକଳ୍ପର କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇ ପ୍ରତି ଘରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଉଛି। ୧୮୨ଟି ବୃହତ୍ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ନିର୍ମାଣକାର୍ଯ୍ୟ ଚାଲୁ  ରହିଛି। ପ୍ରକଳ୍ପଗୁଡ଼ିକୁ ମିଶନମୋଡ୍‌ରେ କାର୍ଯ୍ୟାନ୍ୱୟନ କରାଯାଇ ସମସ୍ତ ପରିବାରକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପାଇପ୍ ଜଳସଂଯୋଗ ପ୍ରଦାନ କରିବାକୁ ସରକାର ନିୟମିତ ବ୍ୟବଧାନରେ ସମୀକ୍ଷା ବୈଠକ କରୁଛନ୍ତି। ଗ୍ରୀଷ୍ମଋତୁ ପୂର୍ବରୁ ନିରାପଦ ପାନୀୟ ଜଳଯୋଗାଣ ସୁନିଶ୍ଚିତ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି ବୋଲି ମନ୍ତ୍ରୀ ଶ୍ରୀ ନାୟକ ଗୃହକୁ ଅବଗତ କରାଇଛନ୍ତି।

## ବିଧାନସଭା-ହାତୀ

ରାଜ୍ୟରେ ଗତ ଦେଢ଼ ବର୍ଷରେ ୧୧୪ ହାତୀଙ୍କର ମୃତ୍ୟୁ ହୋଇଥିବା ନେଇ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ କହିଛନ୍ତି। ବିଧାନସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଶ୍ରୀ ଖୁଣ୍ଟିଆ କହିଛନ୍ତି, ସର୍ବାଧିକ ୪୨ଟି ହାତୀଙ୍କର ବିଦ୍ୟୁତ୍ ଆଘାତରେ ଓ ବିଭିନ୍ନ ରୋଗରେ ପୀଡିତ ହୋଇ ୨୯ଟି ହାତୀଙ୍କର ମୃତ୍ୟୁ ହୋଇଛି। ଶିକାରୀଙ୍କ ଦ୍ୱାରା ୬ଟି, ରେଳ ଦୁର୍ଘଟଣାରେ ୪ଟି ଓ ମଣିଷଙ୍କ ପ୍ରତିଶୋଧ ପରାୟଣ ପାଇଁ ୩ଟି, ପ୍ରାକୃତିକ କାରଣରୁ ୧୭ଟି ଓ ନଦୀ-ନାଳ ଆଦି ବିଭିନ୍ନ କାରଣରୁ ୧୩ଟି ହାତୀଙ୍କ ମୃତ୍ୟୁ ହୋଇଛି। ଅପ୍ରାକୃତିକ ହାତୀ ମୃତ୍ୟୁ ପାଇଁ ୯୩ ଜଣଙ୍କୁ

ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ବୋଲି ମନ୍ତ୍ରୀ ଗୃହରେ ଉତ୍ତର ରଖିଛନ୍ତି ।

## ଗଣତି-ମଣତି ବୈଠକ

ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ଅଳଙ୍କାର ଗଣତି-ମଣତି ମାର୍ଗଦର୍ଶିକାକୁ ନେଇ ଆଜି ଶ୍ରୀମନ୍ଦିର ସଭାଗୃହରେ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ଅଧ୍ୟକ୍ଷତା କରି ରତ୍ନଭଣ୍ଡାର ଅଳଙ୍କାର ଗଣତି-ମଣତି ସମ୍ପର୍କିତ ବିଭିନ୍ନ ଦିଗ ଉପରେ ଆଲୋଚନା କରିଛନ୍ତି ।  ଗଣତି-ମଣତି କାର୍ଯ୍ୟ ସମ୍ପାଦନ ପାଇଁ ଦୁଇଟି ଦଳ କାର୍ଯ୍ୟ କରିବେ । ତତ୍ତ୍ୱାବଧାରକ ଦଳ ଗଣତି-ମଣତିର ତଦାରଖ ଓ କାର୍ଯ୍ୟ ସମ୍ପାଦନ ଦଳ ଗଣତି-ମଣତି କରିବେ ବୋଲି ଶ୍ରୀ ପାଢ଼ୀ କହିଛନ୍ତି ।

**- V/O -**

ଅପରାହ୍ଣ ୫ଟାରେ ଛତିଶାନିଯୋଗ ବୈଠକ ହେବା ନେଇ ଆମ ସମ୍ବାଦଦାତା ଜଣାଇଛନ୍ତି ।

## ଅଂଶୁଘାତ ମୁକାବିଲା

ଅଂଶୁଘାତ ମୁକାବିଲା ନେଇ ଆସନ୍ତା ସପ୍ତାହରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ, ପଂଚାୟତିରାଜ ଓ ନଗର ଉନ୍ନୟନ ବିଭାଗ ସାମିଲ ହେବେ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ଅଂଶୁଘାତ ସମେତ ପାଣିବୁଡ଼ି, ସାପ

କାମୁଡା ନିୟନ୍ତ୍ରଣ ନେଇ ବୈଠକରେ ଆଲୋଚନା କରାଯିବ। ଏଥିସହିତ ଅଂଶୁଘାତର ସମ୍ବେଦନଶୀଳ ଅଂଚଳଗୁଡ଼ିକୁ ଚିହ୍ନଟ ନେଇ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

**- V/O - (**ସୁରେଶ ପୂଜାରୀ**)**

## ପ୍ରହାର

ଦେଶରେ ଆତଙ୍କବାଦ ବିରୋଧ ନୀତି ପ୍ରହାରକୁ କାର୍ଯ୍ୟକାରୀ କରାଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏ ସଂକ୍ରାନ୍ତ ବିଜ୍ଞପ୍ତି ଗତକାଲି ପ୍ରକାଶ ପାଇଛି। ଦେଶରେ ସମନ୍ୱିତ ଆତଙ୍କବାଦ କାର୍ଯ୍ୟକଳାପକୁ ପ୍ରତିହତ କରିବା ଲକ୍ଷ୍ୟ ନେଇ ପ୍ରଥମଥର ପାଇଁ ଏହି ନୀତି ପ୍ରଣୟନ କରାଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ୱେବ୍‌ସାଇଟ୍‌ରେ ପ୍ରହାର ନୀତି ସଂକ୍ରାନ୍ତ ସମସ୍ତ ତଥ୍ୟ ଉପଲବ୍ଧ ରହିଛି।

ଶୁଣନ୍ତୁ ଏ ସମ୍ପର୍କରେ ସ୍ୱତନ୍ତ୍ର ରିପୋର୍ଟ....

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଚଳିତ ବର୍ଷ ମାର୍ଚ୍ଚ ୩୧ ସୁଦ୍ଧା ଦେଶକୁ ମାଓମୁକ୍ତ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ପ୍ରହାର ଅଭିଯାନ ନାମରେ ପରିଚିତ ବାମପନ୍ଥୀ ଉଗ୍ରବାଦ ବିରୋଧୀ ଅଭିଯାନ ଓଡ଼ିଶା ସମେତ ପ୍ରଭାବିତ ଅଞ୍ଚଳରେ ସାମରିକ ଅଭିଯାନ ସହିତ ବିକାଶମୂଳକ କାର୍ଯ୍ୟକୁ ଅଗ୍ରାଧିକାର ଦେଉଛି। ମାଓ କାର୍ଯ୍ୟକଳାପ ମୁକାବିଲା କରିବାରେ

ଓଡ଼ିଶାରେ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି। ରାଜ୍ୟ ବିଧାନସଭାରେ ଉପସ୍ଥାପିତ ସାମ୍ପ୍ରତିକ ସରକାରୀ ତଥ୍ୟ ଅନୁଯାୟୀ, ଗତ ପାଞ୍ଚ ବର୍ଷ ମଧ୍ୟରେ ଓଡ଼ିଶାରେ ୪୮ ଜଣ ମାଓବାଦୀ ନିହତ ହୋଇଥିବା ବେଳେ ୭୮ ଜଣଙ୍କୁ ଗିରଫ କରାଯାଇଛି ଏବଂ ୮୨ ଜଣ କ୍ୟାଡର ମାଓବାଦୀ ଆତ୍ମସମର୍ପଣ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇଛନ୍ତି। କେବଳ ୨୦୨୫ ମସିହାରେ, ସୁରକ୍ଷା ବଳର କାର୍ଯ୍ୟାନୁଷ୍ଠାନରେ ୨୫ ଜଣ ମାଓବାଦୀଙ୍କୁ ନିପାତ କରାଯାଇଛି।

ଓଡ଼ିଶାରେ ପ୍ରହାର ଅଭିଯାନର ରଣନୀତି ସ୍ୱରୂପ କଠୋର ସୁରକ୍ଷା ବ୍ୟବସ୍ଥା ଏବଂ ତୃଣମୂଳ ସ୍ତରରେ ବିକାଶ କାର୍ଯ୍ୟକୁ ଗୁରୁତ୍ୱ ଦିଆଯାଉଛି। ଓଡ଼ିଶା ପୋଲିସ, ସ୍ୱତନ୍ତ୍ର ଅପରେସନ୍ସ ଗ୍ରୁପ୍, ଜିଲ୍ଲା ସ୍ୱେଚ୍ଛାସେବୀ ବାହିନୀ ଏବଂ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକ ସମେତ ସୁରକ୍ଷା ବାହିନୀ ଜଙ୍ଗଲ ଭିତରେ କମ୍ବିଂ ଅପରେସନକୁ ଜୋରଦାର କରିଛନ୍ତି।

ଫଳରେ ମାଓବାଦୀମାନେ ସରକାରଙ୍କ ପୁନର୍ବାସ ନୀତି ଅନୁଯାୟୀ ଆତ୍ମସମର୍ପଣ ପରେ ସାମାଜିକ ଜୀବନଯାପନ କରିପାରୁଛନ୍ତି।

ମାଲକାନଗିରି, କୋରାପୁଟ, କନ୍ଧମାଳ ଏବଂ ରାୟଗଡ଼ା ଭଳି ମାଓ ପ୍ରଭାବିତ ଜିଲ୍ଲାଗୁଡ଼ିକରେ ବିକାଶ କାର୍ଯ୍ୟ ମଧ୍ୟ ବାସ୍ତବତାକୁ ପରିବର୍ତ୍ତନ କରିଛି। ଉନ୍ନତ ରାସ୍ତା, ଯୋଗାଯୋଗ ନେଟୱାର୍କ, ସ୍କୁଲ ଏବଂ ସ୍ୱାସ୍ଥ୍ୟ କେନ୍ଦ୍ର

ଜୀବନଧାରଣ ମାନକୁ ଉନ୍ନତ କରୁଛି ଓ ଉଗ୍ରବାଦୀ ଚିନ୍ତାଧାରାର ଆକର୍ଷଣକୁ ହ୍ରାସ କରୁଛି ।

ରାଜ୍ୟର ୬ଟି ଜିଲ୍ଲାରେ ପ୍ରାୟ ୪୦ ଜଣ କ୍ୟାଡର ସକ୍ରିୟ ଅଛନ୍ତି । ତେବେ ପ୍ରହାର ଅଭିଯାନ ଅଧୀନରେ ସୁରକ୍ଷା ସତର୍କତା ଏବଂ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧିର ମିଳିତ ଗୁରୁତ୍ୱ ମାଓମୁକ୍ତ ଭାରତ ଗଠନ ଲକ୍ଷ୍ୟକୁ ସଫଳ କରିବ ବୋଲି କୁହାଯାଇଛି ।

*ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣିଆ*

## ଲକ୍ଷ୍ମୀକାନ୍ତ ଶ୍ରାଦ୍ଧବାର୍ଷିକୀ

ଓଡ଼ିଆ ସାହିତ୍ୟର ଅନନ୍ୟ ସାଧକ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ରାଜ୍ୟବାସୀ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି। ଏହି ଅବସରରେ ବିଧାନସଭା ପରିସରରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି । ବନ୍ଦେ ଉତ୍କଳ ଜନନୀର ରଚୟିତା ସ୍ୱର୍ଗତ ମହାପାତ୍ର କେବଳ ଜଣେ କବି ନଥିଲେ ସେ ଥିଲେ ଓଡ଼ିଆ ଜାତୀୟତା ଓ ସାହିତ୍ୟର ଯୁଗସ୍ରଷ୍ଟା। ଓଡ଼ିଆ ଭାଷା, ସଂସ୍କୃତି ଓ ସାହିତ୍ୟ କ୍ଷେତ୍ରରେ ତାଙ୍କ ଅବଦାନ ସର୍ବଦା ସ୍ମରଣୀୟ ହୋଇ ରହିବା ସହିତ ଆଗାମୀ ପିଢ଼ି ପାଇଁ ପଥ ପ୍ରଦର୍ଶକ ସାଜିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ।

କେନ୍ଦ୍ରମନ୍ତ୍ରୀ **ଧର୍ମେନ୍ଦ୍ର ପ୍ରଧାନ** ରାଜ୍ୟ ସଂଗୀତ ବନ୍ଦେ ଉତ୍କଳ ଜନନୀର ସ୍ରଷ୍ଟା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।

## କାନ୍ତକବି-ପୂର୍ଣ୍ୟତିଥି

**ଭଦ୍ରକ** ଜିଲ୍ଲା ତିହିଡି ବ୍ଲକ୍ ତାଳପଦାଠାରେ ସ୍ୱାଧୀନତା ସଂଗ୍ରାମୀ କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ପୂର୍ଣ୍ୟତିଥି ଅବସରରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟଙ୍କ ସମେତ ବହୁ ବିଶିଷ୍ଟ ଅତିଥିମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ଏମ୍‌ଏସ୍‌ଏମ୍‌ଇ

କେନ୍ଦ୍ର ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ-ଏମ୍‌ଏସ୍‌ଏମ୍‌ଇ ବିଭାଗ ଦ୍ୱାରା **RAMP** ଅଧୀନରେ **ନବରଙ୍ଗପୁର** ଜିଲ୍ଲାରେ ସରକାରୀ ଅଧିକାରୀ ଓ ଶିଳ୍ପସଂଘ ଯୋଜନା ସମ୍ବନ୍ଧୀୟ ଦକ୍ଷତାବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଏମ୍‌ଏସ୍‌ଏମ୍‌ଇ ବିଭାଗର ରପ୍ତାନୀ ପ୍ରୋତ୍ସାହନ ଓ ବିପଣନ ନିର୍ଦ୍ଦେଶାଳୟ ପକ୍ଷରୁ ଜିଲ୍ଲା ଶିଳ୍ପ କେନ୍ଦ୍ର ସହଯୋଗରେ ଅନୁଷ୍ଠିତ ଏହି କର୍ମଶାଳାରେ ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଆତ୍ମନିର୍ଭର ଭାରତ ଗଠନରେ ଏମ୍‌ଏସ୍‌ଏମ୍‌ଇର ସହଯୋଗ ସମ୍ପର୍କରେ ମତ ବ୍ୟକ୍ତ କରିଥିଲେ।

## ସୁଭଦ୍ରା ଶକ୍ତିମେଳା

**ନବରଙ୍ଗପୁର** ଜିଲ୍ଲାରେ ଆସନ୍ତାକାଲିଠାରୁ ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତିମେଳା ଆରମ୍ଭ ହେବ। ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁ ମେଳା ସମ୍ପର୍କରେ

ସାମ୍ବାଦିକ ସମ୍ମିଳନୀରେ ବିସ୍ତୃତ ସୂଚନା ଦେଇଛନ୍ତି । ଉଦ୍‌ଘାଟନୀ ଉତ୍ସବରେ ପଂଚାୟତିରାଜ ଓ ପାନୀୟଜଳ ଯୋଗାଣ ମନ୍ତ୍ରୀ ରବି ନାରାୟଣ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ମେଳାରେ ୧୨୦ଟି ଷ୍ଟଲ୍‌ରେ ସ୍ୱୟଂସହାୟକ ଦଳର ସଦସ୍ୟମାନେ ନିଜ ଉତ୍ପାଦନର  ବିକ୍ରୟ କରିବେ । ଆସନ୍ତାକାଲି ଅପରାହ୍ଣରେ ମା’ ଭଣ୍ଡାରଘରଣୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ଏକ କଳସ ଶୋଭାଯାତ୍ରା ନୂତନ ମଣ୍ଡେଇ ପଡିଆରେ ପହଞ୍ଚିବା ପରେ ସୁଭଦ୍ରା ଶକ୍ତିମେଳାର ଆରମ୍ଭ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି । ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ମେଳା ଚାଲିବ । ଏଥିରେ ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟବସାୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

## କଇଁଛ ସୁରକ୍ଷା କର୍ମଶାଳା

**ଭଦ୍ରକ** ଜିଲ୍ଲା ଧାମରାଠାରେ ରାଜ୍ୟ ମତ୍ସ୍ୟବିଭାଗ ପକ୍ଷରୁ କଇଁଛ ସୁରକ୍ଷା ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ବିଭାଗୀୟ ଅଧିକାରୀମାନେ କର୍ମଶାଳାରେ ଯୋଗଦେଇ ସାମୁଦ୍ରିକ ଜୈବ ବିବିଧତାର ସୁରକ୍ଷା, ଅନ୍ତର୍ଜାତୀୟ ମାଛଧରା ମାନଦଣ୍ଡ ଉପରେ ଟ୍ରଲର ଏବଂ ମତ୍ସ୍ୟଜୀବୀଙ୍କୁ ପରାମର୍ଶ ଦେଇଥିଲେ ।